ଓଡ଼ିଶା ସରକାର

ତଫସିଲଭୁକ୍ତ ଜାତି ଓ ଉପଜାତି ଉନ୍ନୟନ ବିଭାଗ

ନଂ – ୪୫୬୫୯ /ଏସ୍. ଏସ୍.ଡ଼ି, ଭୁବନେଶ୍ୱର ତାରିଖ ୨୬.୧୨.୦୯
ଟିଡ଼ି.ଆଇ. ଆଇ. – ୩୨/୦୮

ପ୍ରେରକ:

ଶ୍ରୀ ବି.କେ. ନାୟକ
ସ୍ୱତନ୍ତ୍ର ସଚିବ, ଓଡ଼ିଶା ସରକାର

ପ୍ରାପ୍ତେଷୁ:

ସମସ୍ତ ଜିଲ୍ଲାପାଳ

ବିଷୟ:- ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬ର କାର୍ଯ୍ୟକାରିତା ସମ୍ପର୍କରେ

ମହାଶୟ,

ଉପରୋକ୍ତ ପ୍ରସଙ୍ଗ ସମ୍ପର୍କରେ ସୂଚାଇବା ନିମନ୍ତେ ମୋତେ ନିର୍ଦ୍ଦେଶ ଦିଆଯାଇଛି । ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ହୋଇଥିବା ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬ ସମ୍ପର୍କିତ ସମୀକ୍ଷା ବୈଠକରେ ଚିହ୍ନଟ କରାଯାଇଥିବା ତ୍ରୁଟିଗୁଡ଼ିକର ମୌଖିକ ଭାବେ ଦିଆଯାଇଥିବା ନିର୍ଦ୍ଦେଶନାମାଗୁଡ଼ିକୁ ନିମ୍ନରେ ପୁନଃ ଉପସ୍ଥାପିତ କରୁଛି:

୧. ଗ୍ରାମସଭା / ଉପଖଣ୍ଡସ୍ତରୀୟ କମିଟି / ଜିଲ୍ଲାସ୍ତରୀୟ କମିଟିର ଅନ୍ତିମ ନିଷ୍ପତ୍ତି ବିଷୟରେ ଉଭୟ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଦାବୀଦାରଙ୍କୁ ଅବଗତ କରାଇବା ବାଧ୍ୟତାମୂଳକ ଯାହା ଫଳରେ ଦାବୀଦାର ତାର ଦାବୀ ସମ୍ପର୍କରେ ଅବଗତ ହୋଇପାରିବ ଏବଂ ଆବଶ୍ୟକସ୍ଥଳେ ଅପିଲ୍ ମଧ୍ୟ କରିପାରିବ । ଏ ସଂପର୍କରେ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ତା ୦୪.୦୨.୦୯ ରେ ଜାରି କରାଯାଇଥିବା ଚିଠିର ପାରା – ୩ ଚିଠି ସଂଖ୍ୟା – ୬୦୬୧ / ଟି.ଡି - ଆଇ.ଆଇ – ୫୧ / ୦୮ ରେ ଉଲ୍ଲେଖ କରାଯାଇଥିଲା ।

୨. ସମୀକ୍ଷା ବୈଠକରୁ ଏହା ମଧ୍ୟ ଜଣାପଡିଛି ଯେ, ରାଜସ୍ୱ ଜଙ୍ଗଲରେ ବନ୍ଦୋବସ୍ତ ହୋଇଥିବା ଦାବି ସଂଖ୍ୟା ରକ୍ଷିତ ଏବଂ ସଂରକ୍ଷିତ ଜଙ୍ଗଲରେ ଗ୍ରହଣ କରାଯାଇଥିବା ଦାବୀ ସଂଖ୍ୟାଠାରୁ ଅଧିକ ଅଟେ । ତେଣୁ କ୍ଷେତ୍ରସ୍ତରୀୟ କର୍ମଚାରୀମାନଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇ ରକ୍ଷିତ ଏବଂ ସଂରକ୍ଷିତ ଜଙ୍ଗଲରେ ଦାବୀ ଗ୍ରହଣ ଏବଂ ବନ୍ଦୋବସ୍ତ ପ୍ରକ୍ରିୟାକୁ ତ୍ୱରନ୍ୱିତ କରିବା ନିମନ୍ତେ ପଦକ୍ଷେପ ନିଆଯାଇପାରେ । ଏଥିଅନ୍ତେ, ବନ୍ଦୋବସ୍ତ ଏବଂ ପଟ୍ଟା ବଣ୍ଟନ ନିମନ୍ତେ ଉଦ୍ଦିଷ୍ଟ ସୂଚନା ସ୍ତମ୍ଭ ୨୪ ଏବଂ ୨୫ରେ ପୃଥକ୍ ପୃଥକ୍ ଭାବରେ ରାଜସ୍ୱ ଜଙ୍ଗଲ ଏବଂ ସଂରକ୍ଷିତ /ରକ୍ଷିତ ଜଙ୍ଗଲର ଜମି ବନ୍ଦୋବସ୍ତ ପରିମାଣ ଓ ପଟ୍ଟା ବଣ୍ଟନ ସଂପର୍କରେ ଦର୍ଶାଯାଇପାରିବ ।

୩. ଏହା ମଧ୍ୟ ଜଣାପଡିଛି ଯେ, ୨୦୦୧ ଜନଗଣନା ବିବରଣୀରେ ଉଲ୍ଲେଖିତ ଥିବା କେତେକ ଗ୍ରାମରେ ଅଦ୍ୟାବଧି ଜଙ୍ଗଲ ଅଧିକାର କମିଟି ଗଠନ ହୋଇନାହିଁ । ତେଣୁ ଆପଣମାନଙ୍କୁ ଅନୁରୋଧ କରୁକି ଜନଗଣନା ବିବରଣୀରେ ପ୍ରଦତ୍ତ ଗାଁର ତାଲିକା ଯାଞ୍ଚ କରନ୍ତୁ ଏବଂ ଉକ୍ତ ଗ୍ରାମଗୁଡ଼ିକରେ ଜଙ୍ଗଲ ଅଧିକାର କମିଟି ଗଠନ କରି ଦାବୀ ଫର୍ମ ଗ୍ରହଣ କରିପାରନ୍ତି । ଜନଗଣନା ୨୦୦୧ ତାଲିକାକୁ ତହସିଲ/ ଜିଲ୍ଲା ଅନ୍ତର୍ଭୁକ୍ତ ଗ୍ରାମ ତାଲିକା ସହିତ ମିଳାଇ ତାହାର ଫଳାଫଳକୁ ସୂଚାଇବେ ।

୪. ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଅଧିକାର ସମ୍ପର୍କୀତ ସୂଚନା ଓ୍ୱାର୍କିଂ ପ୍ଲାନ୍ (କାର୍ଯ୍ୟକାରୀ ଯୋଜନା)ରେ ଉଲ୍ଲେଖିତ ହୋଇଛି, ଯାହାକି ବନଖଣ୍ଡ ଅଧିକାରୀମାନଙ୍କ ନିକଟରୁ ମିଳିପାରିବ । ସଂରକ୍ଷିତ ଜଙ୍ଗଲ ଘୋଷଣା ସମ୍ପର୍କୀତ ଅଧିସୂଚନାରେ ମଧ୍ୟ ବ୍ୟକ୍ତିଗତ/ଗୋଷ୍ଠୀଗତ ଅଧିକାର ସମ୍ବନ୍ଧରେ ସୂଚନା ରହିଛି । ଉକ୍ତ ସୂଚନାଗୁଡ଼ିକୁ ଗ୍ରାମସଭା, ଉପଖଣ୍ଡସ୍ତରୀୟ କମିଟି ଏବଂ ଜିଲ୍ଲାସ୍ତରୀୟ କମିଟିକୁ ଉପଲବ୍ଧ କରାଯାଇପାରେ । ପ୍ରଦତ୍ତ ସୂଚନାକୁ ଅଧାର କରାଯାଇ ଉଦ୍ଦିଷ୍ଟ ଅଞ୍ଚଳଗୁଡ଼ିକରେ ଗୋଷ୍ଠୀଗତ ଦାବୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରେ, ଯଦ୍ୱାରା କି ଗୋଷ୍ଠୀଗତ ଅଧିକାର ଉପରେ ପଟ୍ଟା ବଣ୍ଟନ କରାଯାଇପାରିବ ।

୫. ଏହା ମଧ୍ୟ ଦୃଷ୍ଟିଗୋଚର ହୋଇଛି ଯେ, ଅନେକ ଜିଲ୍ଲାରେ ଡ଼ାଟା ଅପ୍‌ଲୋଡ଼ିଙ୍ଗ୍ ଜିଲ୍ଲାସ୍ତରୀୟ କମିଟି ସ୍ତରରେ ହେଉଛି, ଫଳରେ ଗ୍ରାମସଭା ଏବଂ ଉପଖଣ୍ଡସ୍ତରୀୟ କମିଟିରେ ଥିବା ଅନେକ ଡ଼ାଟା ଅପ୍‌ଲୋଡ୍ ହୋଇପାରୁନାହିଁ । ତେଣୁ ଡ଼ାଟା ଅପ୍‌ଲୋଡ଼ିଙ୍ଗ୍ ଉପଖଣ୍ଡସ୍ତରୀୟ କମିଟି ସ୍ତରରେ ହେବା ଉଚିତ୍, ଯେଉଁଠାରେ କି ଗ୍ରାମସଭାରୁ ଆସିଥିବା ସମସ୍ତ ରେକର୍ଡ ଏବଂ ଦାବୀକୁ ଅପ୍‌ଲୋଡ୍ କରାଯାଇପାରିବ ।

୬. ଜଙ୍ଗଲ ଅଧିକାର ଆଇନ୍‌ର କାର୍ଯ୍ୟକାରୀ କରିବା ନିମନ୍ତେ ଅନୁଚ୍ଛେଦ - ୨୭୫ (୧) ଅଧିନରେ ଦିଆଯାଇଥିବା ପାଣ୍ଠିର ଉପଯୋଗ ପ୍ରମାଣପତ୍ର ଅଧିକାଂଶ ଜିଲ୍ଲାରୁ ମିଳିନାହିଁ । ତେଣୁ ଉପଯୋଗ ପ୍ରମାଣପତ୍ର ଏହି ବିଭାଗକୁ ପଠାଇ ଦିଅନ୍ତୁ ଯଦ୍ୱାରା ପୁନଃ ଅର୍ଥ ପ୍ରଦାନ କରାଯାଇପାରିବ । ।

ତେଣୁ ଆପଣଙ୍କୁ ଅନୁରୋଧ କରୁକି, ଯଥାଶୀଘ୍ର ଉପରୋକ୍ତ ପ୍ରସଙ୍ଗର ପ୍ରତିକାରାତ୍ମକ ଉପାୟ ଅବଲମ୍ବନ କରି ଏହି ବିଭାଗକୁ ସୂଚିତ କରନ୍ତୁ ।

ଆପଣଙ୍କର ବିଶ୍ୱସ୍ତ

ସ୍ୱତନ୍ତ୍ର ସଚିବ, ଓଡ଼ିଶା ସରକାର

ମେମୋ ନଂ – ୪୫୬୬୦ ତା ୨୬.୧୨.୦୯

ଉକ୍ତ ଚିଠିର ନକଲ ସମସ୍ତ ଜିଲ୍ଲା ବନାଧିକାରୀ (ନାମାନୁସାରେ)/ ସମସ୍ତ ପିଏ, ଆଇ.ଟି.ଡ଼ିଏ (ନାମାନୁସାରେ)/ ସମସ୍ତ ସ୍ୱତନ୍ତ୍ର ଅଧିକାରୀ, ଅଣୁପ୍ରକଳ୍ପ (ନାମାନୁସାରେ)/ ସମସ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ (ନାମାନୁସାରେ) ଙ୍କୁ ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିବା ନିମନ୍ତେ ସୂଚନା ଦିଆଯାଇଛି ।

ସ୍ୱତନ୍ତ୍ର ସଚିବ, ଓଡ଼ିଶା ସରକାର